# ମିଥ୍ୟା ସମ୍ବାଦ ପରିବେଷଣର ପ୍ରତିବାଦ

ବିଭିନ୍ନ ଓଡ଼ିଆ ସମ୍ବାଦପତ୍ର ମାନଙ୍କରେ ଆଜି ପ୍ରକାଶିତ ଭ୍ରମ|ତ୍ମକ ସମ୍ବାଦର ବିଶ୍ୱବିଦ୍ୟାଳୟ ପ୍ରଶାସନ ତରଫରୁ ଦୃଢଭାବେ ଖଣ୍ଡନ କରାଯାଉଅଛି | ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ରିସର୍ଚ୍ଚ ଏଣ୍ଟ୍ରାନ୍ସ ଟେଷ୍ଟ ନାକଚ କରିବା ସମ୍ବନ୍ଧୀୟ କୌଣସି ପତ୍ର ହସ୍ତଗତ ହୋଇନାହିଁ, କେବଳ ଉଚ୍ଚଶିକ୍ଷା ବିଭାଗ ତରଫରୁ ବିଶ୍ୱବିଦ୍ୟାଳୟକୁ ରିସର୍ଚ୍ଚ ଏଣ୍ଟ୍ରାନ୍ସ ଟେଷ୍ଟ ସମ୍ବନ୍ଧିତ ଏକ ତଥ୍ୟଭିତ୍ତିକ ରିପୋର୍ଟ ଆଗାମୀ ୫ ଦିନ ମଧ୍ୟରେ ଦେବାପାଇଁ କୁହାଯାଇଅଛି | ରିସର୍ଚ୍ଚ ଏଣ୍ଟ୍ରାନ୍ସ ଟେଷ୍ଟର ପ୍ରଥମ ପର୍ଯ୍ୟାୟ ଯୋଗ୍ୟତା ପରୀକ୍ଷା ଗତ ଜୁଲାଇ ୨୩ ତାରିଖରେ ସମ୍ପୂର୍ଣ୍ଣ ପାରଦର୍ଶିତାର ସହ ସମ୍ପନ୍ନ ହୋଇ ପରୀକ୍ଷା ଫଳ ୨୫ ତାରିଖରେ ପ୍ରକାଶିତ ହୋଇଛି | ଦ୍ୱିତୀୟ ପର୍ଯ୍ୟାୟ ସାକ୍ଷାତକାର ପରୀକ୍ଷା ଆଗାମୀ ଅଗଷ୍ଟ ୭ - ୮ ତାରିଖରେ ଅନୁଷ୍ଠିତ ହେବାକୁ ଯୋଗ୍ୟ ପ୍ରାର୍ଥୀଙ୍କୁ ଅବଗତ କରାଯାଇଅଛି | ଯୋଗ୍ୟ ପ୍ରାର୍ଥୀମାନଙ୍କୁ ବିଭ୍ରାନ୍ତ କରିବାକୁ ଏହିଭଳି ଭ୍ରମାତ୍ମକ ଅପପ୍ରଚାର ଅତ୍ୟନ୍ତ ନିନ୍ଦନୀୟ |

ଦ୍ୱିତୀୟ ପର୍ଯ୍ୟାୟର ସାକ୍ଷାତକାର ପରୀକ୍ଷା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସମ୍ପାଦିତ ହେବ | ରିସର୍ଚ୍ଚ ଏଣ୍ଟ୍ରାନ୍ସ ଟେଷ୍ଟ ସମ୍ପୂର୍ଣ ନୀତି ନିୟମ ଅନୁଯାୟୀ ସମ୍ପାଦିତ ହୋଇଛି ଏବଂ ବିଭିନ୍ନ ବିଭାଗ ପାଇଁ ଓଡିଶା ଓ ଓଡିଶା ବାହାର ରାଜ୍ୟର ଛାତ୍ର ଛାତ୍ରୀ ମାନେ ମଧ୍ୟ ଆବେଦନ କରିଛନ୍ତି | ସେମାନଙ୍କ ମଧ୍ୟରୁ କିଛି ଦ୍ୱିତୀୟ ପର୍ଯ୍ୟାୟ ମୌଖିକ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି |

ଗଣମାଧ୍ୟମକୁ ଏଥିଦ୍ୱାରା ଅନୁରୋଧ କରାଯାଉଅଛି କି ବିନା ଅନୁସନ୍ଧାନରେ ବିଭ୍ରାନ୍ତ ମୂଳକ ତଥ୍ୟ ପ୍ରକାଶ କରିବାରୁ ବିରତ ରୁହନ୍ତୁ ଏବଂ ଦ୍ୱିତୀୟ ପର୍ଯ୍ୟାୟ ସାକ୍ଷାତକାର ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କୁ ସଠିକ ସମୟରେ ପରୀକ୍ଷାରେ ଯୋଗଦେବା ପାଇଁ ଗଣମାଧ୍ୟମ ଜରିଆରେ ଜଣାଇବାରେ ସହାୟକ ହୁଅନ୍ତୁ |

ଆଦେଶ କ୍ରମେ

କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ